# NATIONAL NEWS BULLETIN (ODIA)

## 9 July - 2025

## Morning Bulletin : 7.15 A.M.

***********************************************

## ମୁଖ୍ୟ ସମ୍ବାଦ

- ବ୍ରାଜିଲ୍ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ଆସନ୍ତା ୫ ବର୍ଷ ମଧ୍ୟରେ ୨୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି, କହିଲେ ପ୍ରଧାନମନ୍ତ୍ରୀ ।

– ପ୍ରଧାନମନ୍ତ୍ରୀଙ୍କୁ ବ୍ରାଜିଲ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କଲେ ରାଷ୍ଟ୍ରପତି ।

- ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଆଜି ନାମିବିୟାର ଓ୍ୱିଣ୍ଡହୋକ୍‌ରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।
- ଚାଷୀଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କଲେ ଶିକ୍ଷାମନ୍ତ୍ରୀ ।
- ଶ୍ରୀକ୍ଷେତ୍ର ପୁରୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ।

ଏବଂ

- ଓ୍ୱିମ୍ବଲଡନ୍ ଟେନିସ୍ ମହିଳା ଏକକ ବର୍ଗ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଲେ ବେଲାରୁଷର ଆରିନା ସାବଲେଙ୍କା ।

# ମୋଦୀ-ଲୁଲା ପ୍ରେସ୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ବ୍ରାଜିଲ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୨ ଦଶମିକ୍ ୨ ବିଲିୟନ୍‌ରୁ ୨୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ବ୍ରାଜିଲ୍ ଗସ୍ତ ଅବସରରେ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲ୍‌ଭାଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଉତ୍ପାଦ କ୍ଷେତ୍ରକୁ ଅଧିକ ଗତିଶୀଳ କରିବା ଏବଂ ଭାରତୀୟ ରପ୍ତାନୀକାରିଙ୍କ ପାଇଁ ବଜାରକୁ ଅଧିକ ଉନ୍ମୁକ୍ତ କରିବା ଲକ୍ଷ୍ୟ ନେଇ ମର୍କୋସୁର ପ୍ରିଫରେନସିଆଲ୍ ବାଣିଜ୍ୟ ଚୁକ୍ତିନାମାକୁ ଅଧିକ ବିସ୍ତାର କରିବାକୁ ଉଭୟ ଦେଶ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-MODI-ON--20-BILLION**

ମର୍କୋସୁର ହେଉଛି ବ୍ରାଜିଲ୍, ଆର୍ଜେଣ୍ଟିନା, ପାରାଗୁଏ ଏବଂ ଉରୁଗୁଏକୁ ନେଇ ଗଠିତ ଏକ ଆଞ୍ଚଳିକ ବାଣିଜ୍ୟ କ୍ଷେତ୍ର । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ପରି ବ୍ରାଜିଲ୍‌ରେ ଏକୀକୃତ ପେମେଣ୍ଟ ଏଣ୍ଟରଫେସ୍ ବ୍ୟବସ୍ଥା ପ୍ରଚଳନ କରିବାକୁ ପ୍ରୟାସ କରାଯାଉଛି । କୃଷି, ଖାଦ୍ୟପ୍ରକ୍ରିୟାକରଣ, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ମହାକାଶ ଓ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ପାଇଁ ମାର୍ଗ ଉନ୍ମୁକ୍ତ ଉପରେ ଆଲୋଚନା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବ୍ରାଜିଲ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ ନ୍ୟାସନାଲ୍ ଅର୍ଡର ଦି ସଦନ୍ କ୍ରସ୍‌ର ଗ୍ରାଣ୍ଡ କଲାର୍ ପ୍ରଦାନ କରାଯାଇଥିଲା । ଏଥିପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଶ୍ରୀ ସିଲଭାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

**V/O-PM-MODI-ON-SAMMAN**

ଦ୍ୱିପାକ୍ଷିକ ଆଲୋଚନା ବୈଠକ ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବଭାଗ ସଚିବ ପେରିଆସାମି କୁମାରନ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟର ବିଭିନ୍ନ ପ୍ରସଙ୍ଗ ଉପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ବ୍ରାଜିଲ ବଜାରରେ ଭାରତୀୟ ଔଷଧର ବ୍ୟବସାୟକୁ ତ୍ୱରାନ୍ୱିତ କରିବା ନେଇ ଚିନ୍ତାଧାରାକୁ ବ୍ରାଜିଲ ରାଷ୍ଟ୍ରପତି ସ୍ୱାଗତ କରିଥିବା ସେ ସୂଚନା ଦେଇଛନ୍ତି । ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଉଭୟ ଦେଶ ମଧ୍ୟରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆତଙ୍କବାଦ ଏବଂ ଅନ୍ତରାଷ୍ଟ୍ରୀୟ ଅପରାଧର ମୁକାବିଲା, ଇଥାନଲ ମିଶ୍ରିତ ଇନ୍ଧନ ଓ ଜୈବ ଇନ୍ଧନ ଏବଂ ନବୀକରଣୀୟ ଶକ୍ତି ତଥା ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ଓ ବୌଦ୍ଧିକ ସମ୍ପତ୍ତି ସଂରକ୍ଷଣ ଆଦି ପ୍ରସଙ୍ଗ ଉପରେ ଏହି ବୁଝାମଣାପତ୍ର ଗୁଡ଼ିକ ସ୍ୱାକ୍ଷରିତ ହୋଇଥିବା ଶ୍ରୀ କୁମାରନ୍ ସୂଚନା ଦେଇଛନ୍ତି ।

# ପିଏମ୍-ନାମିବିୟା

ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନାମିବିୟା ଗସ୍ତରେ ଯିବେ । ରାଷ୍ଟ୍ରପତି ନେତୁମ୍ବୋ ନାନ୍ଦି-

ଏନ୍‌ଦାୟିତ୍ୱାହାଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନାମିବିୟା ଗସ୍ତରେ ଯାଉଛନ୍ତି । ବ୍ରାଜିଲରୁ ସେ ନାମିବିୟାର ୱିଣ୍ଡ୍‌ହୋକ୍‌ରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ପ୍ରଥମ ନାମିବିୟା ଗସ୍ତ । ପ୍ରାୟ ତିନି ଦଶନ୍ଧି ପରେ ଭାରତର ପ୍ରଧାନମନ୍ତ୍ରୀଙ୍କର ନାମିବିୟାକୁ ଏହା ତୃତୀୟ ଗସ୍ତ ।

ୱିଣ୍ଡ୍‌ହୋକ୍‌ରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ । ଶକ୍ତି ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଔଷଧ ତଥା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ସେଠାକାର ଶୀର୍ଷ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ନାମିବିୟାର ସର୍ବୋଚ୍ଚ ନାଗରୀକ ସମ୍ମାନରେ ସମ୍ମାନିତ କରାଯିବ । ନାମିବିୟାର ଜାତିର ପିତା ତଥା ପ୍ରଥମ ରାଷ୍ଟ୍ରପତି ସ୍ୱର୍ଗତ ଡକ୍ଟର ସାମ୍ ନୁଜୋମାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ପ୍ରଧାନମନ୍ତ୍ରୀ ସେଠାକାର ସଂସଦରେ ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ଲକ୍ଷ୍ନୌ-ପ୍ରଧାନ

ଚାଷୀଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋକପାତ କରିଛନ୍ତି । ମିରଟ୍‌ର ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ କୃଷି ବିଶ୍ୱବିଦ୍ୟାଳୟରେ କୃଷି ପ୍ରଯୁକ୍ତିବିଦ୍ୟା ନବସୃଜନ କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏହା

କହିଛନ୍ତି । କୃଷି କ୍ଷେତ୍ରରେ ଆୟକୁ ଦ୍ୱିଗୁଣିତ କରିବାରେ କୃତ୍ରିମ ବୁଦ୍ଧିମତାର ଭୂମିକା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏ କ୍ଷେତ୍ରରେ ଆଇ.ଆଇ.ଟି. ରୋପର୍ ଅନୁଷ୍ଠାନର ଉଲ୍ଲେଖନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ ।

**V/O-DHARMENDRA-PRADHAN**

ଏହି ଅବସରରେ ଶ୍ରୀ ପ୍ରଧାନ କୃଷକ-କୈନ୍ଦ୍ରିକ ଗବେଷଣା ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ବିଶ୍ୱବିଦ୍ୟାଳୟରେ ଏକ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ ।

# ସିଡିଏସ୍-ପାକ୍ ଚାଇନା

ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ସ୍ୱାର୍ଥ ସମ୍ବଳିତ ସମନ୍ୱୟ ଭାରତର ସ୍ଥିରତା ଏବଂ ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିପାରେ ବୋଲି ସେନା ମୁଖ୍ୟ ଜେନେରାଲ ଅନୀଲ ଚୌହାନ କହିଛନ୍ତି । ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଜେନେରାଲ୍ ଚୌହାନ କହିଛନ୍ତି, ଭାରତ ମହାସାଗର କ୍ଷେତ୍ରର ଦେଶ ଗୁଡ଼ିକର ଆର୍ଥିକ ସଂକଟ ବାହ୍ୟ ଶକ୍ତିକୁ ପ୍ରଭାବ ବିସ୍ତାର କରିବାର ସୁଯୋଗ ପ୍ରଦାନ କରିଛି । ଅପରେସନ ସିନ୍ଦୂରର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଜେନେରାଲ୍ ଚୌହାନ କହିଛନ୍ତି, ପ୍ରଥମଥର ପାଇଁ ଦୁଇଟି ପରମାଣୁ ଅସ୍ତ୍ର ସମ୍ପନ୍ନ ରାଷ୍ଟ୍ର ଆକ୍ରମଣ ଓ ପ୍ରତିଆକ୍ରମଣରେ ସାମିଲ ହୋଇଥିଲେ । ସାଇବର କ୍ଷେତ୍ରର ପ୍ରକୃତ ଉପଯୋଗ ଏବଂ ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ର ଦେଶର

ପ୍ରତିରକ୍ଷାକୁ ଅଧିକ ସଶକ୍ତ କରିପାରିବ ବୋଲି ଜେନେରାଲ୍ ଚୌହାନ ଆଶାବ୍ୟକ୍ତ କରିଛନ୍ତି ।

# ନୀଳାଦ୍ରି ବିଜେ

ଶ୍ରୀକ୍ଷେତ୍ର ପୁରୀରେ ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଗତକାଲି ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହୋଇଛି । ସନ୍ଧ୍ୟା ଧୂପ ନୀତି ଶେଷ ହେବା ପରେ ଭୋଇ ସେବକମାନେ ତିନି ରଥରେ ଚାରମାଳ ବାନ୍ଧିଥିଲେ । ଗୋଟି ପହଣ୍ଡିରେ ପ୍ରଥମେ ମଦନମୋହନ ଏବଂ ରାମକୃଷ୍ଣ ବିଗ୍ରହଙ୍କୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ଏହା ପରେ ପ୍ରଭୁ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ଶେଷ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ରତ୍ନବେଦୀକୁ ବିଜେ ହୋଇଥିଲେ । ଶ୍ରୀ ଜଗନ୍ନାଥଙ୍କ ପହଣ୍ଡିବିଜେ ସମୟରେ ଅଭିମାନିନୀ ମା’ ମହାଲକ୍ଷ୍ମୀଙ୍କ ସହ ବଚନିକା ହେବା ଏବଂ ମହାପ୍ରଭୁ ରସଗୋଲା ଓ ପାଟବସ୍ତ୍ର ଦେଇ ମା’ଙ୍କ ମାନଭଞ୍ଜନ କରିଥିଲେ । ରତ୍ନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରୁନ୍ଧାନୀତି ଶେଷ ହେବା ପରେ ସେଠାରେ ଚାରମାଳ ଫିଟାଯାଇଥିଲା । ପରେ ଚକାପୋଛା, ସିଂହାସନ ଧୁଆ ଆଦି ନୀତି ସମ୍ପାଦନ କରାଯାଇଥିଲା । ଆଜିଠାରୁ ଶ୍ରଦ୍ଧାଳୁ ନୀଳାଚଳ ଅଭଡ଼ା ପାଇପାରିବେ ।

## ଜେକେ-ଅମରନାଥ

ଅମରନାଥ ଯାତ୍ରାର ପ୍ରଥମ ୬ ଦିନ ମଧ୍ୟରେ ୧ ଲକ୍ଷ ୧୧ହଜାରରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫା ଦର୍ଶନ କରିଛନ୍ତି । ଗତକାଲି ୧୮ ହଜାରରୁ ଅଧିକ ତୀର୍ଥ ଯାତ୍ରୀ ପବିତ୍ର ଗୁମ୍ଫା ଦର୍ଶନ କରିଛନ୍ତି । ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି, ସୁରକ୍ଷିତ ଏବଂ ବିଶ୍ୱାସର ସହ ଯାତ୍ରା ଯୋଗୁଁ ତୀର୍ଥ ଯାତ୍ରୀଙ୍କ ସଂଖ୍ୟା ମାତ୍ର ୬ ଦିନରେ ୧ ଲକ୍ଷରୁ ଅଧିକ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ପହଲଗାମ ଏବଂ ବାଲତାଲ ପଥରେ ସୁରକ୍ଷିତ ଭାବେ ଯାତ୍ରା ଚାଲିଛି । ଆଗାମୀ ଦିନରେ ଶ୍ରଦ୍ଧାଳୁଙ୍କର ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଉଛି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୭ ହଜାର ୫୭୯ ତୀର୍ଥ ଯାତ୍ରୀଙ୍କର ଅଷ୍ଟମ ଦଳ ଜାମ୍ମୁରୁ ଭଗବତୀନଗର ଯାତ୍ରୀ ନିବାସ ମୂଳ କ୍ୟାମ୍ପ୍‌ରୁ ଆଜି ସକାଳେ କାଶ୍ମୀର ଉପତ୍ୟକା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ସେମାନଙ୍କ ମଧ୍ୟରେ ୫ ହଜାର ୭୧୯ ପୁରୁଷ, ୧ହଜାର ୫୭୭ ମହିଳା, ୪୦ ଜଣ ଶିଶୁ, ୧୬୭ ସାଧୁ ଏବଂ ୬୭ ସାଧ୍ୱୀ ଅଛନ୍ତି ।

## ମାଣ୍ଡବ୍ୟ-ଇପିଏଫ୍‌ଓ

ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଇପିଏଫ୍‌ଓ ପୂର୍ବ ଆର୍ଥିକ ବର୍ଷ ପାଇଁ ୯୬ ପ୍ରତିଶତରୁ ଅଧିକ ସଦସ୍ୟଙ୍କ ସୁଧ ଜମା କରିସାରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏ ପର୍ଯ୍ୟନ୍ତ ୩୨ କୋଟି ୪୦ ନିୟୁତ ସଦସ୍ୟଙ୍କ ଆକାଉଣ୍ଟରେ ସୁଧ ଜମା କରାଯାଇ ସାରିଛି । ଚଳିତ ସପ୍ତାହ ଶେଷ ସୁଦ୍ଧା

ବଳକା ଆକାଉଣ୍ଟ ଗୁଡ଼ିକରେ ସୁଧ ଜମା ହେବା ନେଇ ସେ ଆଶା ପ୍ରକାଶ କରିଛନ୍ତି । ସରକାରଙ୍କ ଦ୍ୱାରା ସୁଧ ହାର ଅନୁମୋଦନ ହେବାର ଦୁଇ ମାସରୁ କମ୍ ସମୟ ମଧ୍ୟରେ ମନ୍ତ୍ରଣାଳୟ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି ବୋଲି ସେ କହିଛନ୍ତି ।

## ୱିମ୍ବଲଡନ୍

ୱିମ୍ବଲଡନ୍ ଟେନିସ୍ ମହିଳା ଏକକ ବର୍ଗ ସେମିଫାଇନାଲ୍ ପର୍ଯ୍ୟାୟକୁ ବିଶ୍ୱର ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଆରିନା ସାବଲେଙ୍କା ଉନ୍ନିତ ହୋଇଛନ୍ତି । ଲଣ୍ଡନର ଅଲ୍ ଇଂଲଣ୍ଡ କ୍ଲବ୍ ଠାରେ ଗତକାଲି ଅନୁଷ୍ଠିତ କ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବେଲାରୁଷର ସାବଲେଙ୍କା ଜର୍ମାନୀର ଲୌରା ସିଏଗ୍‌ମୁଣ୍ଡଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ସେଟ୍‌ରେ ପରାଜିତ ହେବା ପରେ ମଧ୍ୟ ସାବଲେଙ୍କା ପର ଦୁଇଟି ସେଟ୍‌ରେ ବିଜୟ ଲାଭ କରି ଏହି ସଫଳତା ପାଇଛନ୍ତି । ତାଙ୍କ ପ୍ରତିପକ୍ଷଙ୍କୁ ସାବଲେଙ୍କା ୪-୬, ୬-୨ ଏବଂ ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍‌ରେ ସାବଲେଙ୍କା ଆମେରିକାର ଆମଣ୍ଡା ଆନିସିମୋଭାଙ୍କ ମଧ୍ୟରେ ମୁକାବିଲା ହେବ ।